# ନୂଆଖାଇ

ବିପିନବିହାରୀ ବିଶି

କଥାରେ କୁହନ୍ତି - ଓଡ଼ିଶାରେ ବାରମାସରେ ତେର ପର୍ବ । ସତରେ ଆମ ପର୍ବପର୍ବାଣି ଖାଲି ତେର ସଂଖ୍ୟା ଭିତରେ ସୀମିତ ନୁହେଁ । ଆମ ରାଜ୍ୟ ଓଡ଼ିଶା ପର୍ବପର୍ବାଣିର ଗନ୍ତାଘର । ଏହା ବ୍ୟତୀତ ଆହୁରି ଅନେକ ପର୍ବ ଆନନ୍ଦ ଉତ୍ସାହର ସହ ଆମେ ପାଳନ କରିଥାଉ । ମାନବ ଜୀବନ ଜଞ୍ଜାଳମୟ ଓ ବିଷାଦଗ୍ରସ୍ତ । ଜୀବନରୁ ନୀରସତା ଓ ମନରୁ କ୍ଲାନ୍ତି ଦୂର କରି ଜୀବନକୁ ସରସ ସୁନ୍ଦର ଓ କର୍ମଚଞ୍ଚଳ କରିବାରେ ପର୍ବପର୍ବାଣିର ମୁଖ୍ୟ ଭୂମିକା ରହିଛି । ପର୍ବପର୍ବାଣି ଗୁଡ଼ିକ ମଧ୍ୟରେ 'ନୂଆଖାଇ' ଖୁବ୍ ପ୍ରସିଦ୍ଧ ।

ଇଷ୍ଟଦେବୀଙ୍କୁ ବର୍ଷର ପ୍ରଥମ ଅନ୍ନ ସମର୍ପଣ କରି ଖାଇବାର ପର୍ବ ହେଉଛି 'ନୂଆଖାଇ' । ଭାଦ୍ରବ ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଏହି ପର୍ବ ପାଳନ କରାଯାଏ । ତା ପୂର୍ବଦିନ ବିଦ୍ୟାଦାତା ଓ ବିଘ୍ନବିନାଶକ ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ପାଳନ ହୋଇସାରିଥାଏ । 'ନୂଆଖାଇ'ରେ ମା ବସୁମତୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସ୍ୱରୂପ ବର୍ଷର ପ୍ରଥମ ଫସଲର ନୂଆ ଧାନକେଣ୍ଡା ଓ ନୂଆ ଚୁଡ଼ାକୁ ଏକ ନୂଆ ହାଣ୍ଡିରେ ଭୋଗ କରାଯାଇ ଘରର ଇଷ୍ଟଦେବୀ ଓ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ ।





ନୂଆଖାଇ ବା ନବାନ୍ନଭକ୍ଷଣ ଉପଲକ୍ଷେ କି ଧନୀ କି ଦରିଦ୍ର ସମସ୍ତେ ଘର ସଜାସଜି କାମରେ ଲାଗି ପଡ଼ନ୍ତି । ଘରର ମାଆ, ଝିଅ ଓ ବୋହୂମାନେ ଠାକୁରଘରଠାରୁ ଆରମ୍ଭ କରି ସମସ୍ତ ଘରଦ୍ୱାର, ଦାଣ୍ଡପିଣ୍ଡାକୁ ଲିପାପୋଛା କରନ୍ତି । ଘରେ ବ୍ୟବହୃତ ଖଟ, ପିଢ଼ା, ତାଲାକୁଲା, ଲୁଗାପଟା, ବିଛଣାପତ୍ର, ଡବାଡବି ଆଦିକୁ ସଫା କରି ସଜାଇ ରଖନ୍ତି । ପୁରପଲ୍ଲୀଠାରୁ ଆରମ୍ଭ କରି ସହର ଯାଏ ନରନାରୀମାନେ ଦୋକାନ ବଜାରରେ ବିକାକିଣା କରିବାରେ ଲାଗିପଡ଼ନ୍ତି । ମିଠା ଓ ପିଠାପଣା ପାଇଁ ଚାଉଳ, ନଡ଼ିଆ, ଘିଅ, ଗୁଡ଼ ଯୋଗାଡ଼ କରାଯାଏ । ପୂଜାପାଇଁ ଧୂପ, ଦୀପ, କର୍ପୂର, ବସ୍ତ୍ର ଓ ପରିଧାନ ପାଇଁ ନୂଆଲୁଗା କିଣାକିଣିରେ ଗହଳି ଚହଳି ଜମିଉଠେ । ପରିବାପତ୍ର ହାଟରେ ଲୋକଭିଡ଼ ହୁଏ । ନୂଆଖାଇ ପୂର୍ବରୁ ଲୋକମାନଙ୍କ ଭିତରେ ଆନନ୍ଦ ଓ ଉଲ୍ଲାସ ଭରି ରହିଥାଏ ।

ପ୍ରସ୍ତୁତି ଭିତରେ ସମସ୍ତେ ବ୍ୟସ୍ତ ଥିବାବେଳେ ସେହି ଆନନ୍ଦର ଦିନ 'ନୂଆଖାଇ' ଆସି ପହଞ୍ଚିଯାଏ । ସେଦିନ ସୂର୍ଯ୍ୟୋଦୟ ପୂର୍ବରୁ ସମସ୍ତ ନରନାରୀ ଶଯ୍ୟା ତ୍ୟାଗ କରି ନିତ୍ୟକର୍ମ ସାରନ୍ତି । ସଫା ଲୁଗା ପିନ୍ଧି ପୂଜା ସାମଗ୍ରୀ ସଜାଡ଼ି ରଖନ୍ତି । ଘରର ମୁଖିଆ ନୂଆ ଲୁଗା ପରିଧାନ କରି ପୂଜାପାଠରେ ବସନ୍ତି । ସମସ୍ତେ ନୂଆ ଲୁଗା ପିନ୍ଧନ୍ତି । ପିତୃପୁରୁଷଙ୍କୁ ପିଣ୍ଡଦାନ ପରେ ନୂଆ ଧାନକେଣ୍ଡା ଓ ଚୁଡ଼ା, ପିଠାପଣା ଦେବଦେବୀଙ୍କୁ ସମର୍ପଣ କରି ପୂଜା କରାଯାଏ । ଧୂପ, ଦୀପ, ଚନ୍ଦନ ଓ କର୍ପୂରର ବାସ୍ନାରେ ଘର ମହକି ଉଠୁଥାଏ । ଶଙ୍ଖ, ହୁଳହୁଳି, ଘଣ୍ଟ, ଘଣ୍ଟା ନାଦରେ ଘର ଓ ଅଗଣା ଦୁଲୁକି ଉଠେ । ପୂଜା ଶେଷରେ ଘରର ସମସ୍ତେ ଗୋଟିଏ ସ୍ଥାନରେ ବସନ୍ତି । ଦେବୀ

ଦେବତାଙ୍କ ପାଖରେ ଲଗାଯାଇଥିବା ଭୋଗରେ  ନୂଆଚୁଡ଼ା, ଘିଅ, ମହୁ, ଗୋରସ, ଗୁଡ଼ ଓ କଦଳୀ ମିଶାଇ ପ୍ରସାଦପ୍ରସ୍ତୁତ କରାଯାଏ । ସମସ୍ତେ ପୂର୍ବଦିଗକୁ ମୁହଁକରି ବସି ପତ୍ରର ଚଉତିରେ ବଢ଼ା ହୋଇଥିବା ଏହି ପ୍ରସାଦକୁ ସେବନ କରନ୍ତି । ତା'ପରେ ସାନମାନେ ବଡ଼ମାନଙ୍କୁ ମୁଣ୍ଡିଆ ମାରି ଜୁହାର ହୁଅନ୍ତି । ଏହାକୁ 'ନୂଆଖାଇ ଜୁହାର' କୁହାଯାଏ । ତା' ପରେ ବଡ଼ମାନେ ଖାଇବା ପାଇଁ ବସନ୍ତି । ଘରେ ତିଆରି ହୋଇଥିବା ପିଠାପଣା, ଖିରିପୁରି, ମିଠା ତଥା ଭଳିକିଭଳି ଡାଲି, ତରକାରି ପ୍ରସାଦରୂପେ ସେବନ କରି ସମସ୍ତେ ଆନନ୍ଦ ଉପଭୋଗ କରନ୍ତି ।

ନୂଆ ଖାଇସାରି ଘରର ଝିଅବୋହୂମାନେ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ବାହାରି ପଡ଼ନ୍ତି 'ନୂଆଖାଇ ଭେଟ୍ ଘାଟ୍' ପାଇଁ । ଘରଘର ସାହି ସାହି ବୁଲି ଗୁରୁଜନମାନଙ୍କୁ ମୁଣ୍ଡିଆ ମାରି ଜୁହାର ହୁଅନ୍ତି । ବୁଢ଼ାବୁଢ଼ୀମାନେ ହସଖୁସିରେ କହନ୍ତି "ବଞ୍ଚିଥିଲେ ଆର ବରଷକେ ଦେଖା ହେମାଁ" । ଏହି ପର୍ବରେ ବୁଢ଼ାବୁଢ଼ୀଙ୍କଠାରୁ ଆରମ୍ଭ କରି ପିଲାମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଗାଁର ମନ୍ଦିରକୁ ଯାଇ ଦେବଦର୍ଶନ କରିବାର ବିଧି ରହିଛି । "ଖରିଫ୍ ଓ ରବିଫସଲର ଉତ୍ପାଦନ ବଢୁ ଏବଂ ସଂସାରରୁ ଅନ୍ନ କଷ୍ଟ ଦୂର ହେଉ" ବୋଲି ଠାକୁରଙ୍କ ପାଖରେ ପ୍ରାର୍ଥନା କରାଯାଏ । ସଞ୍ଜ ନଇଁଆସିଲେ ଖେଳକୁଦ, ମଉଜମଜ୍ଲିସ୍‌ରେ ସମସ୍ତେ ମଜ୍ଜିଯାଆନ୍ତି । ଘୁମୁରା ନାଚ, ଭଜନ, କୀର୍ତ୍ତନ, ନାଟ-ତାମସା ଓ ଖିଆପିଆରେ ଲୋକେ ନିଜକୁ ହଜାଇ ଦିଅନ୍ତି । ବିଶେଷକରି ଆଦିବାସୀ ସଂପ୍ରଦାୟ ଲୋକଙ୍କ ନାଚଗୀତ ଓ ବାଦ୍ୟ ବେଶ୍ ଆନନ୍ଦଦାୟକ ହୋଇଥାଏ । ସେମାନେ ଏହି ପର୍ବକୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରିଥାନ୍ତି ।

ନୂଆଖାଇ ଏକ ସାମାଜିକ ଓ କୃଷିଭିତ୍ତିକ ପର୍ବ । ଏହି ପର୍ବ ପାଳନ ଫଳରେ ନୂଆ ଫସଲ ଅମଳ ପାଇଁ କୃଷକ ମନରେ ଆନନ୍ଦ ଓ ଉତ୍ସାହ ବଢ଼ିଯାଏ । ଏ ପର୍ବ ଉପଲକ୍ଷେ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଆଗରୁ ଆସି ଘରେ ପହଞ୍ଚିଥାନ୍ତି । ଏହି ପର୍ବର ବିଶେଷତ୍ୱ ହେଲା ଏହା ଜନସାଧାରଣଙ୍କୁ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇଥାଏ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମାନବିକତା ଓ ଭ୍ରାତୃତ୍ୱ ଭାବନା ସୃଷ୍ଟି କରିଥାଏ । ଏଥିରେ ଜାତି ଅଜାତି, ଉଚ୍ଚନୀଚ ଭେଦଭାବ ନ ଥାଏ । ସମସ୍ତଙ୍କ ମନରୁ ବାଦ-ବିବାଦ, ମାନ-ଅଭିମାନ, ରାଗ-ରୁଷା ଅପସରି ଯାଇଥାଏ । ଆମର ବ୍ୟକ୍ତିଗତ ଓ ସାମାଜିକ ଜୀବନ ସଦ୍‌ଭାବନାରେ ପୂରିଉଠେ । ଆମର ଧର୍ମ, ସଂସ୍କୃତି ଓ ପରମ୍ପରାକୁ ଠିକ୍ ବାଟରେ ପରିଚାଳିତ କରିବାରେ ଏହା ବିଶେଷ ସହାୟକ ହୁଏ ।



## ଲେଖକ ପରିଚୟ

**ଶ୍ରୀ ବିପିନ ବିହାରୀ ବିଶି** ୧୯୪୯ ମସିହା ମାର୍ଚ୍ଚ ମାସ ୮ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । 'ନିଶ୍ଚୁପ ଆରୋହୀ' ତାଙ୍କ ଦ୍ୱାରା ରଚିତ ପୁସ୍ତକ । ଏହା ସହିତ ତାଙ୍କର ଅନେକ ଲେଖା 'ସପ୍ତର୍ଷି' ପତ୍ରିକାରେ ପ୍ରକାଶିତ ହୋଇଛି ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ ପ୍ରସଙ୍ଗଟିକୁ ଉପସ୍ଥାପନ କରିବା ପୂର୍ବରୁ ଲେଖକ ପରିଚୟ ଓ ପ୍ରସଙ୍ଗର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରିବେ ।
- ଓଡ଼ିଶାରେ ବିଭିନ୍ନ ମାସରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ସମ୍ପର୍କରେ ସଂକ୍ଷିପ୍ତ ସୂଚନା ଦେବେ ।
- ପ୍ରସଙ୍ଗରେ ଥିବା ଆମ ରାଜ୍ୟର ପଶ୍ଚିମ ଅଞ୍ଚଳରେ ବ୍ୟବହୃତ ଭାଷା ପିଲାମାନେ ଶୁଣିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି କରିବେ । ନିଜେ କିଛି ଅଧିକ ଜାଣିଥିଲେ କିମ୍ବା ସଂଗ୍ରହ କରି ସେହି ଭାଷା ପିଲାଙ୍କୁ କହିବେ ।
- ଯେ କୌଣସି ପର୍ବ ପାଳନ ପାଇଁ ଉଦ୍ଦିଷ୍ଟ ନୀତି ଓ ବିଧି ପାଳନର ଗୁରୁତ୍ୱକୁ ପିଲାମାନେ ଯେପରି ଉପଲବ୍ଧି କରିବେ, ସେଥିପାଇଁ ଦୃଷ୍ଟି ଦେବେ ଏବଂ ଏହି ପର୍ବ ସାରା ରାଜ୍ୟରେ ଏକ କୃଷିଭିତ୍ତିକ ମହାନ୍‌ପର୍ବ ବୋଲି ବୁଝାଇବେ ।
- ପ୍ରସଙ୍ଗରେ ଥିବା 'ସର୍ବନାମ ପଦ' ଓ 'ଅବ୍ୟୟ ପଦ' ସହିତ ପିଲାଙ୍କୁ ପରିଚିତ କରାଇବେ ।

## ସୂଚନା

ନବାନ୍ନ- ନୂଆ ଅନ୍ନ, ବର୍ଷରେ ପ୍ରଥମ ଉତ୍ପାଦିତ ଖାଦ୍ୟଶସ୍ୟରୁ ପ୍ରସ୍ତୁତ ଅନ୍ନ, ଯାହାକୁ ଅନୁକୂଳ କରି ଦେବାଦେବୀଙ୍କ ନିକଟରେ ଭୋଗ କରାଯାଇ ଖିଆଯାଏ ।

ଗୋରସ – କ୍ଷୀର

ଚଉତି – ପତ୍ରରେ ତିଆରି ଠୁଙ୍ଗା ବା ଠୋଲା

ଜୁହାର – ପ୍ରଣାମ, ନମସ୍କାର

ଭେଟ୍‌ଘାଟ୍ – ଭେଟାଭେଟି, ସାକ୍ଷାତ୍

ଆର ବରଷ୍‌କେ – ପର ବର୍ଷକୁ , ଆଗାମୀ ବର୍ଷକୁ

ଦେଖା ହେମାଁ – ଦେଖା ହେବା

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ପିଢ଼ା | ସୀମିତ | ଗନ୍ତାଘର | ମୁଖିଆ | ଉଦ୍ଦୀପନା |
| ଗୋରସ | ନୀରସ | ଇଷ୍ଟଦେବୀ | ସଂପ୍ରଦାୟ | ପରମ୍ପରା |

## ଅଭ୍ୟାସ

**୧.** **ଆସ କଥାବାର୍ତ୍ତା ହେବା ।**

କ) ଆମେ ବିଭିନ୍ନ ପର୍ବ ପାଳନ କରିଥାଉ କାହିଁକି ?

ଖ) ନୂଆଖାଇ ପର୍ବ କେଉଁ ଦିନ ପାଳିତ ହୁଏ ?

ଗ) ନୂଆଖାଇ ପୂର୍ବରୁ କେଉଁ ପର୍ବ ପାଳନ କରାଯାଏ ?

ଘ) ଏହି ପର୍ବ ଆମକୁ କ'ଣ ଶିଖାଇ ଥାଏ ?

ଙ) ଏ ପର୍ବର ବିଶେଷତ୍ୱ କ'ଣ ?

**୨.** **ବାଲ୍‌ଟିରେ କେତେଗୁଡିଏ ଶବ୍ଦ ଓ ମାଠିଆରେ ତାର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦଗୁଡ଼ିକ ଅଛି, ତାକୁ ଏକାଠି କରି ଲେଖିବା ।**




.................. ..............................

.................. ..............................

.................. ..............................

.................. ..............................

.................. ..............................

**୩.** **ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି । ସେଗୁଡ଼ିକର ବିପରୀତ ଲିଙ୍ଗ ପ୍ରକାଶ କରୁଥିବା ଶବ୍ଦଗୁଡ଼ିକୁ ଲେଖିବା ।**

ନର-------, ବୁଢ଼ା---------- ଇଷ୍ଟଦେବୀ----------

ବୋହୂ------- ପିତୃ-----------

**୪.** **ଠିକ୍ ବନାନ ଥିବା ଶବ୍ଦଟିକୁ ବାଛି ତଳ କୋଠରିରେ ଲେଖିବା ।**

| | | | | |
|---|---|---|---|---|
| ସରସ | ସିମୀତ | ଉସ୍ଥାହ | ସାମଗ୍ରି | ଭାତୃତ୍ୱ |
| ଶରସ | ସିମିତ | ଉସ୍ାହ | ଷାମଗ୍ରୀ | ଭ୍ରାତୃତ୍ୱ |
| ସରଶ | ସୀମିତ | ଉଚ୍ଛାହ | ଶାମଗ୍ରୀ | ଭ୍ରାତୁତ୍ୱ |
| ଶରଶ | ସୀମୀତ | ଉସ୍ତାହ | ସାମଗ୍ରୀ | ଭାତ୍ରୁତ୍ୱ |
| | | | | |

୫. ‘ପିଲାମାନେ ପଢ଼ିଆରେ ଖେଳୁଛନ୍ତି’ ଏହି ବାକ୍ୟରେ ଖେଳିବା କାମକୁ ପିଲାମାନେ କରୁଛନ୍ତି । ତେଣୁ ‘ପିଲାମାନେ’ ହେଉଛି କର୍ତ୍ତା ଓ ‘ଖେଳୁଛନ୍ତି’ କ୍ରିୟା । ସେହିପରି ତଳ ବାକ୍ୟଗୁଡ଼ିକରେ କର୍ତ୍ତା ଚାରିପଟେ ଗୋଲ ବୁଲାଇବା ଓ କ୍ରିୟା ପଦ ତଳେ ଗାର ଦେବା ।

କ) ଝିଅବୋହୂମାନେ ଘରଦ୍ୱାର ସଜାଡ଼ନ୍ତି ।

ଖ) ମୁଁ ବାପାଙ୍କ ସାଙ୍ଗରେ ଭୋଜି ଖାଇବାକୁ ଗଲି ।

ଗ) ଚପଳା କାଲି ନୟାଗଡ଼ରୁ ଫେରିବ ।

ଘ) ତୁମେମାନେ କାହିଁକି ସମୟ ନଷ୍ଟ କରୁଛ ?

ଙ) ଅଳସୁଆ ଦୁଃଖ ପାଏ ।

୬. ଘରର ମୁଖିଆ ନୂଆ ଲୁଗା ପିନ୍ଧନ୍ତି ।

ସେ ପୂଜାପାଠ କରନ୍ତି ।

ପ୍ରଥମ ବାକ୍ୟରେ ଥିବା ‘ଘରର ମୁଖିଆ’ଙ୍କୁ ବୁଝାଇବା ପାଇଁ ଦ୍ୱିତୀୟ ବାକ୍ୟରେ ‘ସେ’ ବ୍ୟବହାର କରାଯାଇଛି । ସେହିପରି ତଳ ବାକ୍ୟଗୁଡ଼ିକରେ ଗାର ଦିଆଯାଇଥିବା ଶବ୍ଦକୁ ବୁଝାଇବା ପାଇଁ ଯେଉଁ ଶବ୍ଦ ବନ୍ଧନୀରୁ ବ୍ୟବହାର କରାଯିବ ତା ଚାରିପଟେ ‘୦’ ବୁଲାଇବ ।

କ) ପୁଅଝିଅ ପାଠ ପଢ଼ିଲେ ଘରର ଓ ଦେଶର ମଙ୍ଗଳ । (ସେ, ସେମାନେ)

ଖ) ମୋତେ ଓ ମୋ ସାଙ୍ଗଙ୍କୁ ପୁରସ୍କାର ମିଳିଲା । (ଆମ୍ଭମାନଙ୍କୁ, ସେମାନଙ୍କୁ)

ଗ) ବିଜୟବାବୁଙ୍କ ବଗିଚାଟି ଖୁବ୍ ସୁନ୍ଦର ହୋଇଛି । (ତାଙ୍କର, ତୁମର)

ଘ) ନୂଆଖାଇ କୃଷକମାନଙ୍କର ଆନନ୍ଦ ଉଲ୍ଲାସର ପର୍ବ । (ତୁମମାନଙ୍କର, ସେମାନଙ୍କର)

୭. ସୋମା ଓ ରାଜୁ ଯଦି ଆସିବେ ମୁଁ ଯିବି ।

ଏହି ବାକ୍ୟରେ ‘ଓ’, ‘ଯଦି’ ଶବ୍ଦ ଦୁଇଟି ଅବ୍ୟୟ ପଦ । ସେହିପରି ତଳ ବାକ୍ୟଗୁଡ଼ିକରେ ଥିବା ଅବ୍ୟୟ ପଦକୁ ବାଛି ଲେଖିବା ।

କ) ମୁଁ ତାକୁ ଡାକିଲି, କିନ୍ତୁ ସେ ଆସିଲା ନାହିଁ ।

ଉ. ...............

ଖ) ବୃକ୍ଷଲତା ତ ଆମର ବନ୍ଧୁ ।

ଉ. ...............

ଗ) ଅଳସୁଆ ହୋଇ ବସ ନାହିଁ, ବରଂ କିଛି କାମ କର ।

ଉ. ...............

ଘ) ମୁଁ ତାକୁ ଏତେ ଅନୁରୋଧ କଲି, ତଥାପି ସେ ମୋ କଥା ଶୁଣିଲା ନାହିଁ ।

ଉ. ................

ଙ) ସେ ଆଜି ଆସିଥିଲେ, ପୁଣି କାଲି ଆସିବେ ।

ଉ. ...............

୮. **ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

କ) ନୂଆଖାଇ ପର୍ବ କେବେ ପାଳନ କରାଯାଏ ?

ଉ. ..........................................................................

ଖ) ଏହି ପର୍ବ ପାଳନ ପୂର୍ବରୁ ଲୋକମାନେ କିପରି ନିଜକୁ ପ୍ରସ୍ତୁତ କରନ୍ତି ?

ଉ. ..........................................................................

ଗ) 'ନୂଆଖାଇ ଜୁହାର' କିଏ କାହାକୁ କରନ୍ତି ?

ଉ. .........................................................................

ଘ) 'ନୂଆଖାଇ ଭେଟ୍‌ଘାଟ୍' କେତେବେଳେ ହୋଇଥାଏ ?

ଉ. .........................................................................

ଙ) ତୁମେ ଜାଣିଥିବା କେତୋଟି ପର୍ବପର୍ବାଣିର ନାମ ଲେଖ ।

ଉ. ..........................................................................

୯.  **ନିଜ ଭାଷାରେ ବୁଝାଇ ଲେଖିବା ।**

ଏଥିରେ ଜାତିଅଜାତି, ଉଚ୍ଚନୀଚ ଭେଦଭାବ ନ ଥାଏ ।

ଉତ୍ତର :

୧୦.  **ତଳେ କିଛି ପର୍ବ ଓ ସେହି ପର୍ବଗୁଡ଼ିକର ନିର୍ଦ୍ଦିଷ୍ଟ ସମୟ ବିଷୟରେ ସୂଚନା ଦିଆଗଲା । ଆସ ଗାର ଟାଣି ସେମାନଙ୍କୁ ମିଶାଇବା ।**

| | |
|---|---|
| ଇଦ୍-ଉଲ୍-ଫିତର୍ | ଡିସେମ୍ବର ମାସ ୨୫ ତାରିଖ |
| ରକ୍ଷା ବନ୍ଧନ | ଅଗଷ୍ଟ ୧୫ ତାରିଖ |
| ବଡ଼ଦିନ | ଭାଦ୍ରବ କୃଷ୍ଣ ଅଷ୍ଟମୀ |
| ଶ୍ରୀକୃଷ୍ଣ ଜନ୍ମ | ଶ୍ରାବଣ ପୂର୍ଣ୍ଣିମା |
| ସ୍ୱାଧୀନତା ଦିବସ | ରମ୍‌ଜାନ୍ ସରିବା ପରଦିନ |
| | କାର୍ତ୍ତିକ ପୂର୍ଣ୍ଣିମା |

୧୧.  **ତଳେ ଦିଆଯାଇଥିବା ପ୍ରତ୍ୟେକ ଶବ୍ଦ ପାଇଁ କେତୋଟି ଅର୍ଥ ଦିଆଯାଇଛି । ଠିକ୍ ଅର୍ଥ ସ୍ଥାନରେ ଗୋଲ୍ ବୁଲାଅ ।**

ଉଦ୍ଦୀପନା - ମିଳନ, ଉତ୍ସାହ,ଆଗ୍ରହ

ପରମ୍ପରା - ସୌନ୍ଦର୍ଯ୍ୟ, ପ୍ରଗତି, ପ୍ରଥା

ସଂପ୍ରଦାୟ - ଧାର୍ମିକ, ଗୋଷ୍ଠୀ, ପୂଜାରୀ

ବିଷାଦ- ଜଞ୍ଜାଳ, କ୍ରୋଧ, ଦୁଃଖ

୧୨.  **ତଳେ ଦିଆଯୋଇଥିବା ଶବ୍ଦମାନଙ୍କୁ ନେଇ ବାକ୍ୟ ଗଠନ କର ।**

ରାଗରୁଷା, ବାଦବିବାଦ, ମାନଅଭିମାନ, ଭେଦଭାବ,

## ତୁମପାଇଁ କାମ

ତୁମ ଅଞ୍ଚଳରେ ପାଳିତ ହେଉଥିବା ଯେ କୌଣସି ଏକ ପର୍ବ ବିଷୟରେ ବର୍ଣ୍ଣନା କରି ରଚନାଟିଏ ଲେଖ ।